# Akashvani, Sambalpur

## SAMBALPURI NEWS EVENING BULLETIN

## 5 September 2025- 7.02 pm- 7.12 pm.

**********************************************

୧- ଗୁରୁଦିବସ୍ ଅବ୍‌ସରେ ୪୫ ଝନ୍‌କୁ ଜାତୀୟ ଶିକ୍ଷକ ପୁରସ୍କାର୍ ପ୍ରଦାନ୍ କଲେ ରାଷ୍ଟ୍ରପତି - ଓଡ଼ିଶାର୍ ୨ ଝନ୍ ହେଲେ ସମ୍ମାନିତ୍ ।

- ଡ୍ରପ୍‌ଆଉଟ୍ ରୁକ୍‌ବାର୍ ସହେତେ ଗୁଣାତ୍ମକ୍ ଶିକ୍ଷା ଲାଗି ଭିତିଭୂମି ବର୍‌କସ୍ କରୁଛନ୍ ରାଜ୍ୟ ସର୍‌କାର୍- କହେଲେ ମୁଖ୍ୟମନ୍ତ୍ରୀ ।

୨- ମୁଖ୍ୟମନ୍ତ୍ରୀ ଆଏବା କାଏଲ୍ ଦିନ୍‌କିଆ ଗସ୍ତଥି ଆସୁଛନ୍ ସମ୍ବଲ୍‌ପୁର୍ ।

- ରାଜ୍ୟସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ୍‌ଥି ଦେବେ ଯୋଗ୍ ।

୩- ପାଲିତ୍ ହେଲା ପୈଗମ୍ବର୍ ମହମ୍ମଦ୍‌ଙ୍କର୍ ଜୟନ୍ତୀ- ଇଦ୍ ଏ ମିଲାଦ୍ ଉନ୍ ନବୀ ।

ଆଉର୍

୪- ହୀରାକୁଦ୍ ଜଲ୍ଭଣ୍ଡାର୍ର ୨୪ ଟା ଗେଟ୍ ଦେଇକରି ଛଡ଼ାଯାଉଛେ ବଏଢ଼୍ ପାଏନ୍ ।

ଗୁରୁଦିବସ୍ ଏନ୍ଏସ୍ଡି

ଭାରତ୍ର୍ ଗୁରୁଶିଷ୍ୟ ପରମ୍ପରା ଆଉ ଗୁରୁଙ୍କର୍ ମହତ୍ୱକେ ବଁଚେଇ ରଖ୍ବାର୍ ଲାଗି ଦେଶେ ଆଝିର୍ ଦିନ୍କେ ଗୁରୁଦିବସ୍ ଭାବେ ପାଲନ୍ କରାଯାଉଛେ । ଦେଶର ୨ ନମ୍ବର୍ ରାଷ୍ଟ୍ରପତି ରାଷ୍ଟ୍ରନୀତିଜ୍ଞ, ଶିକ୍ଷାବିତ୍ ଡକ୍ଟର୍ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ଙ୍କର୍ ଜୟନ୍ତୀ ଅବ୍ସରେ ଫି' ବଛର୍ ଇ ଦିବସ୍ ପାଲନ୍ କରାଯାଉଛେ । ଶିକ୍ଷା ଲାଗି ଥିବା ତାଙ୍କର୍ ଅବଦାନ୍କେ ସୁର୍ତା କର୍ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ନୂଆଦିଲ୍ଲୀଠାନେ ଜାତୀୟ ଶିକ୍ଷକ ପୁରସ୍କାର-୨୦୨୫ ପ୍ରଦାନ୍ କରିଛନ୍ । ଇ ଅବ୍ସରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍, ମହିଲାଙ୍କର୍ ନେତୃତ୍ୱର ବିକାଶ ଲାଗି ଝି'ମାନ୍ଙ୍କୁ ସବୁନୁ ବଢ଼ିଆ ଶିକ୍ଷା ଯୁଗେଇ ଦେବାର୍ ଦର୍କାର୍ ରହିଛେ । ଶିକ୍ଷା କ୍ଷେତ୍ରଥି ଝି'ମାନ୍ଙ୍କର ଯୋଗଦାନ ସମାଜ୍ ଲାଗି ଗୁଟେ ମୂଲ୍ୟବାନ୍ ଯୋଗ୍ଦାନ ଆଏ । ଇଟା ସମାଜ୍, ଦେଶ୍ ଆଉ ପରିବାରର ବିକାଶ ଦିଗେ ସାହାଜ୍ କର୍ସି ବଲି ରାଷ୍ଟ୍ରପତି କହିଛନ୍....

(ଭଏସ୍ ଓଭର୍-ରାଷ୍ଟ୍ରପତି)

ଶିକ୍ଷା କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ରାଷ୍ଟ୍ରପତି ଆଏଜ୍ ଦେଶର୍ ୪୫ ଝନ୍ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ୍ କରିଛନ୍ । ସେମାନ୍ଙ୍କର୍ ଭିତ୍‌ରେ ଓଡ଼ିଶାର୍ ମାଲକାନଗିରି ଜିଲ୍ଲା କଣ୍ଢେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର୍ ବସନ୍ତ କୁମାର ରଣା ଆଉ କୋରାପୁଟ ଜିଲ୍ଲା ସଦର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଲୟର୍ ଶିକ୍ଷକ ତରୁଣ କୁମାର ଦାସ ରହିଛନ୍ ।

ଗୁରୁଦିବସ୍ ଅବ୍‌ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିକ୍ଷକମାନ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ଛାତ୍ରଛାତ୍ରୀଙ୍କର ଚରିତ୍ର ନିର୍ମାଣଥି ସେମାନଙ୍କର ନିଷ୍ଠା ଆଉ ସମର୍ପଣ ପ୍ରଶଂସନୀୟ ଆଏ ବଲି କହିଛନ୍ ।

ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମପାଟି ଗୁରୁଦିବସ୍‌ର ଶୁଭେଚ୍ଛା ଜନେଇକରି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କର୍ ଜୀବନ୍ ଆଦର୍ଶକେ ଅନୁସରଣ କର୍‌ବାର୍ ଲାଗି ଯୁଆନ୍ ପିଢ଼ିକେ ଆହ୍ୱାନ୍ ଦେଇଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଗୁରୁଦିବସ୍‌ର ଶୁଭେଚ୍ଛା ଜନେଇଛନ୍ । ଶିକ୍ଷକ୍‌ମାନ୍‌କର୍ କଠିନ୍ ପରିଶ୍ରମ୍ ଆର୍ ସମର୍ପଣ ଦେଶ୍ ନିର୍ମାଣ୍‌ଥି ସାହାଜ୍ କର୍‌ସି । ଶିକ୍ଷକ୍‌ମାନେ ଖାଲି ଲେଖାପଢ଼ାଥି ସିମିତ୍ ନୁହଁନ୍, ଶିକ୍ଷିକ୍ ହେବାର୍‌ଟା ଗୁଟେ ବଡ୍ ଦାୟିତ୍ୱ ଆଏ ବଲି ଶ୍ରୀ ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ।

ରାଜ୍ୟସ୍ତରୀୟ ଗୁରୁଦିବସ-ମୁଖ୍ୟମନ୍ତ୍ରୀ     ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ରାଏଜେ ଡ୍ରପ୍‌ଆଉଟ୍ ରୁକ୍‌ବାର୍ ଲାଗି ଆଉ ଗୁଣାତ୍ମକ୍ ଶିକ୍ଷା ଲାଗି ଶିକ୍ଷକ୍ ଆଉ ଶିକ୍ଷା ଭିତିଭୂମିକେ ବର୍‌କସ୍ କର୍‌ବାର୍ ଦିଗେ ସର୍‌କାର୍ କାମ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ଗୁରୁଦିବସ୍ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଜାତୀୟ ଶିକ୍ଷାନୀତି ଅନ୍‌ସାରେ ରାଏଜେ ପ୍ରାଥମିକ ଶିକ୍ଷା କ୍ଷେତ୍ରଥି ବହୁତ୍‌ଟେ ପରିବର୍ତନ୍ କରାଯିବା । ଏଥର ୧ ନୁ ୧୨ ଶ୍ରେଣୀତକ୍ ଗୁଟେ ବୋର୍ଡ୍‌ଥି ପାଠ୍ ପଢ଼ାଯିବା । ମାଧ୍ୟମିକ ଶିକ୍ଷା ପରିଷଦ୍ ଆଉ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ମିଶିକରି ଗୁଟେ ବୋର୍ଡ଼୍ ଗଠନ୍ କରାଯିବା । ଇଟାର୍ ଜରିଏ ଛାତ୍ରଛାତ୍ରୀ ଆଉ ଶିକ୍ଷକ୍ ମାନ୍‌କର୍ ସବୁ ସମସ୍ୟାର୍ ସମାଧାନ୍ କରାଯାଇପାର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା ଆଏବା ୩ ବଛର୍ ଭିତ୍‌ରେ ରେଗୁଲାର୍ ଭାବେ ପାଖାପାଖି ୪୫ ହଜାର୍ ଶିକ୍ଷକ୍ ନିଯୁକ୍ତି ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ସମ୍ବଲପୁର ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମଥି ଯୋଗ୍ ଦେବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏବାକାଏଲ୍ ଦିନ୍‌କିଆ ସମ୍ବଲପୁର୍ ଗସ୍ତଥି ଆସୁଛନ୍ । କାର୍ଯ୍ୟକ୍ରମ୍‌ଥି ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନ୍‌କର୍ ସହେତେ ପର୍ଶ୍ଚିମ୍ ଓଡ଼ିଶାର୍ ବିଧାୟକ୍ ମାନେ ଯୋଗ୍ ଦେବେ ବଲି ସୂଚ୍‌ନା ମିଲିଛେ । ମୁଖ୍ୟମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ଜିଲ୍ଲା ଆଉ ପୁଲିସ୍ ପ୍ରଶାସନ୍ ତର୍‌ଫୁ ତୟାରି ଶେଷ୍ ଖେପେ ପୁହୁଁଚିଛେ ।

ଜିଏସ୍‌ଟି ସଂସ୍କାର-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍‌ଥି ଓଡ଼ିଶା ବହୁତ୍‌ଟେ ଲାଭ୍ ପାଏବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ୫୬ ନମ୍ବର୍ ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ଯୋଗ୍ ଦେଇକରି ନୂଆଦିଲ୍ଲୀ ନୁ ଫିର୍‌ବାର୍ ଉତ୍‌ରୁ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ନୂଆଁ ସଂସ୍କାର୍ ଜରିଏ ଖାସ୍ କରି ମଧ୍ୟବିତ ଲୁକେ ଅଏତ୍‌କା ଲାଭ୍ ପାଇପାର୍‌ବେ । ଜିଏସ୍‌ଟିଥି ୨ ଟା ସ୍ଲାବ୍ କାର୍ଯ୍ୟକାରୀ ହେବାର୍‌ନୁ ସଭେ

ଲାଭ୍ ପାଏବେ । ରାଜ୍ୟର୍ ୧୦ ଲାଖ୍ ନୁ ଅଏତ୍କା କେନ୍ଦୁପତ୍ର ତୋଲାଲି ବହୁତ୍‌ଟେ ଲାଭ୍ ପାଏବାର୍ ସଙ୍ଗେ କୁଇଲା ଉତ୍ପାଦନ୍ କ୍ଷେତ୍ରଥି ଭିଲ୍ ଲାଭ୍ ମିଲ୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଜିଏସ୍‌ଟି ସଂସ୍କାର ଏନ୍‌ଏସ୍‌ଡି

କେନ୍ଦ୍ର ସରକାରଙ୍କର ଦ୍ରବ୍ୟ ଆଉ ସେବା କର- ଜିଏସ୍‌ଟି ସଂସ୍କାର ନିଷ୍ପତି ସମାଜର ବହୁତ୍‌ଟେ ବର୍ଗର୍ ଲୁକ୍‌କୁ ଆଶ୍ୱସ୍ତି ଆନିଦେଇଛେ । ଗୃହିଣୀଠାନୁ ମୁଲ୍ କରି କରି ଚାଷୀ ତକ୍, ଛାତ୍ରଛାତ୍ରୀନୁ ଛୋଟ୍ ଶିଳ୍ପ ଉଦ୍ୟୋଗୀ ତକ୍ ସବୁ ବର୍ଗ ତର୍‌ଫୁ ଜିଏସ୍‌ଟି ସଂସ୍କାର୍‌କେ ସ୍ୱାଗତ୍ କରାଯାଇଛେ । ନୂଆ ଜିଏସ୍‌ଟି ସ୍ଲାବ୍ ଜରିଏ ଫି ଦିନିଆ ଘରୋଇ ଆର୍ଥିକ୍ ବୋଝ୍‌କେ କମ୍ କରାଯିବାର୍ ସହେତେ ଅନ୍ତର୍ଭୁକ୍ତିକରଣ ଅଭିବୃଦ୍ଧିକେ ତହଁକାବା ବଲି ମତିପ୍ରକାଶ ପାଇଛେ । ନୂଆ ଜିଏସ୍‌ଟି ସଂସ୍କାରକେ ନେଇକରି ନୂଆପଡ଼ା ଜିଲ୍ଲା କୋମନା ପି.ଏସ୍. କଲେଜ୍‌ର ଅର୍ଥନୀତି ବିଭାଗ୍ ଅଧ୍ୟାପକ ଫକୀର ପାଢ଼ୀ କହିଛନ୍....
(ଭଏସ୍ ଓଭର୍-ଫକୀର ପାଢ଼ୀ)

ଇ-ବସ୍ I&PR

ପରିବେଶ୍ ସୁରକ୍ଷାକେ ନଜର୍‌ଥି ରଖିକରି ରାଏଜେ ଇ-ବସ୍ ଚଲାଚଲ୍ କରାଯିବା ବଲି ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ସେ କହିଛନ୍, ରାଜ୍ୟର୍ ଚାହିଦାକେ ନଜର୍‌ଥି ରଖିକରି ହଜାରେ ଟା ଇ-ବସ୍ ଯୁଗେଇ ଦେବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କୁ ଅନୁରୋଧ୍ କରାଯାଇଛେ । ସେଥିର୍‌ଭିତ୍‌ରୁ ରାଜ୍ୟ ସର୍‌କାର୍ ୨ ଶହ ଟା ଘିନ୍‌ବେ ଆର୍ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ୪ ଶହ ଟା ଯୁଗେଇ ଦିଆଯିବା । ସେଥିର୍‌ଭିତ୍‌ରୁ ପହେଲା ଖେପେ ୨୫ ଟା ବସ୍ ସମ୍ବଲ୍‌ପୁର୍ ନୁ ଚଲାଯିବା । ତାର୍ ଉତ୍‌ରୁ ଝାର୍‌ସୁଗୁଡ଼ା, କେନ୍ଦୁଝର୍, ଅନୁଗୁଲ୍ ଆର୍ ବ୍ରହ୍ମପୁର୍‌ନୁ ଚାଲ୍‌ବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ମହମ୍ମଦ୍ ଜୟନ୍ତୀ ଆର୍‌ଏନ୍‌ୟୁ ସମ୍ବଲପୁର୍/ ସୁବର୍ଣ୍ଣପୁର୍

ଇସ୍‌ଲାମ୍ ଧର୍ମର୍ ପ୍ରବର୍ତକ୍ ପୈଗମ୍ବର୍ ହଜ୍‌ରତ୍ ମହମ୍ମଦ୍‌ଙ୍କର୍ ଜନମ୍‌ଦିନ୍ ଅବ୍‌ସରେ ଆଏଜ୍ ଇଦ୍-ଏ-ମିଲାଦ ଉନ୍ ନବୀ ଭାବେ ପାଲନ୍ କରାଯାଉଛେ । ଇସ୍‌ଲାମ୍ ଧର୍ମାବଲମ୍ବୀମାନ୍‌କର୍ ଲାଗି ଆଝିର୍ ଦିନ୍‌ଟା ଖୋବ୍ ପବିତ୍ର । ଇ ଅବ୍‌ସରେ ମୁସଲ୍‌ମାନ୍ ସମ୍ପ୍ରଦାୟର୍ ଲୁକେ ଶୋଭାଯାତ୍ରାଥି

ଯାଇକରି ଶାନ୍ତି ଆଉ ସଦ୍‌ଭାବନାର୍ ବାର୍ତା ଦେସନ୍ । ବିଶ୍ୱ ଶାନ୍ତି ଲାଗି ମସ୍‌ଜିଦ୍ ମାନ୍‌କେ ଖାସ୍ ପ୍ରାର୍ଥନା ସଭାର୍ ଆୟୋଜନ୍ କରାଯାଇଛେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି , ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁସଲ୍‌ମାନ୍ ସମ୍ପ୍ରଦାୟର୍ ଲୁକ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ସମ୍‌କର୍ ସୁଖ, ଶାନ୍ତି ଆଉ ସମୃଦ୍ଧି କାମନା କରିଛନ୍ ।

ସମ୍ବଲ୍‌ପୁର୍ ସହରେ ଇଦ୍-ଏ-ମିଲାଦ ଉନ୍ ନବୀ ଉସ୍‌ନାକିଥି ପାଲିତ୍ ହେଇଛେ । ଭିନ୍ ଭିନ୍ ପଡ଼ାନୁ ଶାନ୍ତି ଶୋଭାଯାତ୍ରାମାନ୍ ଆୟୋଜନ୍ କରାଯାଇଥିଲା । ଗଙ୍ଗାଧର୍ ମଣ୍ଡପ୍ ନ ଇ ଅବ୍‌ସରେ ଗୁଟେ ଜଲ୍‌ସା କାର୍ଯ୍ୟକ୍ରମ୍ ହେଇଥିଲା । ବହୁତ୍ ଜାଗା ନୁ ମୌଲ୍‌ବୀ ମାନେ ଆସିକରି ଇ ଅବ୍‌ସରେ ଧାର୍ମିକ୍ ମାର୍ଗଦର୍ଶନ୍ ଦେଇଥିଲେ ।

ସୁବର୍ଣ୍ଣପୁର୍ ଠାନେ ମହମ୍ମଦ୍‌ଙ୍କର୍ ଜନମ୍‌ଦିନ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଶାନ୍ତିପୂର୍ଣ୍ଣ ଭାବେ ଗୁଟେ ଶୋଭାଯାତ୍ରା ସହର୍ ପରିକ୍ରମା କରିଥିଲା ।

ଗୁରୁଦିବସ- ଜିଲ୍ଲା ଆର୍‌ଏନ୍‌ୟୁ/

ସମ୍ବଲପୁର/ ନୂଆପଡ଼ା/ ସୁବର୍ଣ୍ଣପୁର/ ଦେବ୍‌ଗଡ଼୍/ ବର୍‌ଗଡ଼୍/ ବୌଦ୍ଧ /କଲାହାଣ୍ଡି/ ଝାର୍‌ସୁଗୁଡ଼ା

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଭିଲ୍ ଗୁରୁଦିବସ ଅବ୍ସରେ ଖାସ୍ କାର୍ଯ୍ୟକ୍ରମ୍ମାନ୍ ଆୟୋଜନ୍ କରାଯାଇଛେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମାଣିକ୍ୟେଦେବୀ ସର୍କାରୀ ପ୍ରକଳ୍ପ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ନ ଗୁରୁଦିବସ୍ ପାଲିତ୍ ହେଇଯାଇଛେ । ଛାତ୍ରଛାତ୍ରୀମାନେ ଗୁରୁଙ୍କୁ ଆଦର୍ କର୍ବାର୍ ସହେତେ ତାଙ୍କର୍ ଭଲ୍ ମାର୍ଗଦର୍ଶନ୍ଥି ଆଗ୍କେ ବଢ଼୍ଲେ ସଫଲ୍ ହେଇପାର୍ବେ ବଲି ଅତିଥିମାନେ ପରାମର୍ଶ ଦେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ଶିକ୍ଷା ବିଭାଗ୍ ଆଉ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ୍ ସଂଘ ତର୍ଫୁ ମହାରାଜା ହାଇସ୍କୁଲ୍ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ଗୁରୁଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍ସରେ ୧୫ ଝନ୍ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ପ୍ରଦାନ୍ କରାଯାଇଥିଲା ।

ଦେବ୍ଗଡ଼୍ ଜିଲ୍ଲା ଟାଉନ୍ ଉଚ୍ଚବିଦ୍ୟାଳୟ ଠାନେ ଜିଲ୍ଲାସ୍ତରୀୟ ଗୁରୁଦିବସ୍ ପାଲନ୍ କରାଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉତ୍ସବ୍ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି ୧୦ ଝନ୍ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ପ୍ରଦାନ୍ କରାଯାଇଥିଲା ।

ବୌଦ୍ଧ ଟାଉନ୍ ହଲ୍ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ଗୁରୁଦିବସ୍ ସମାରୋହଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍

ପ୍ରଧାନ୍ ଯୋଗ୍ ଦେଇକରି ଶିକ୍ଷକ୍‌ମାନ୍‌କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ପ୍ରଦାନ୍ କରିଛନ୍ ।

ବର୍‌ଗଡ଼୍ ଜିଲ୍ଲା ବର୍‌ପାଲି ବ୍ଲକ୍ ରମ୍‌ତା ପଂଚାୟତ୍ କୃଷକ୍‌ପଲ୍ଲି ଗାଁ ନ ଗୁରୁଦିବସ୍ ଅବ୍‌ସରେ ଗୁଟେ ରକ୍ତଦାନ୍ ଶିବିର୍ ଆୟୋଜିତ୍ ହେଇଯାଇଛେ । ସେନ୍ତା ଅତାବିରା ସରସ୍ୱତୀ ମଣ୍ଡପ୍ ଠାନେ ଭିଲ୍ ଇ ଅବ୍‌ସରେ ଗୁଟେ ରକ୍ତଦାନ୍ ଶିବିର୍ ଆୟୋଜନ୍ କରାଯାଇଛେ । ଦୁହି ଶିବିର୍ ନ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଠାନେ ଜିଲ୍ଲାଶିକ୍ଷା ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ ହେଇଥିବା ଜିଲ୍ଲାସ୍ତରୀୟ ଗୁରୁଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ୍ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ପ୍ରଦାନ୍ କରିଛନ୍ ।

ଝାର୍‌ସୁଗୁଡ଼ା ନ ହେଇଥିବା ଜିଲ୍ଲାସ୍ତରୀୟ ଗୁରୁଦିବସ୍ ସମାରୋହଥି ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଯୋଗ୍ ଦେଇକରି ଶିକ୍ଷକ୍‌ମାନ୍‌କୁ ମୁଖ୍ୟମନ୍ତ୍ରୀ ପୁରସ୍କାର୍ ପ୍ରଦାନ୍ କରିଛନ୍ ।

ପାଣିପାଗ/ହୀରାକୁଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ପଶ୍ଚିମ- ଉତର୍ ପଶ୍ଚିମ ଦିଗ୍‌କେ ଯାଉଥିବା ଲଘୁଚାପ୍ ପ୍ରଭାବ୍‌ଥି ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି, ଘଡ଼୍‌ଘଡ଼ି ସଙ୍ଗେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସବୁ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ଉପର୍‌ମୁଡ଼େ ବର୍ଷା ଲାଗି ରହେବାର୍‌ନୁ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ବଢ଼୍‌ବାର୍‌କେ ଲାଗିଛେ । ଜଲ୍‌ଭଣ୍ଡାର୍‌ନୁ ଏଛେନ୍ ୨୪ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଜ୍‌ବେଲେ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୬ ଦଶ୍‌ମିକ୍ ୫/୮ ଫୁଟ୍ ରହିଛେ ।

ଇ ସମିଆଥି ଜଲ୍‌ଭଣ୍ଡାର୍‌କେ ଫି ସେକେଣ୍ଡ୍‌ଥି ୩ ଲାଖ୍ ୯୯ ହଜାର୍ ୨ ଶହ ୯୫ ଘନଫୁଟ୍ ପାଏନ୍ ଆସୁଥିଲା ବେଲେ ୪ ଲାଖ୍ ୨୪ ହଜାର୍ ୭ ଶହ ୫ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ ।